# ତହସିଲଦାର ଜୁନାଗଡଙ୍କ କାର୍ଯ୍ୟାଳୟ, ଜୁନାଗଡ

## ଇସ୍ତାହାର

**Pr. No** 907/22.08.2023

**Change of Classification Misc. Case No. 02/2023**

ଏତଦ୍ୱାରା **ଜୁନାଗଡ଼** ମୌଜାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲଭୁକ୍ତ ଜମିକୁ **District Fisheries Officer, Kalahandi, Bhawanipatna** କୁ ଲିଜ ସୂତ୍ରରେ ହସ୍ତାନ୍ତରିତ କରିବା ପାଇଁ ସ୍ଥିର କରାଯାଇ ଅଛି । ଏଥିରେ ସେ **Modern Hygienic Fish Market** ନିର୍ମାଣ କରିବେ । ଉକ୍ତ ଜମିର କିସମ ଘାସପଡିଆ ଥିବାରୁ, ଏହାକୁ ପତିତ କିସମକୁ ରୂପାନ୍ତରିତ କରିବା ପାଇଁ ଆବଶ୍ୟକ ଅଟେ ।

ଏହି ପ୍ରସ୍ତାବରେ ଯଦି କୌଣସି ବ୍ୟକ୍ତି ବିଶେଷ ତଥା ଅନୁଷ୍ଠାନ ମାନଙ୍କର ଆପତ୍ତି ଅଭିଯୋଗ ଥାଏ ତେବେ ଏହି ଇସ୍ତାହାର ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ତହସିଲ କାର୍ଯ୍ୟାଳୟରେ ଟ. ୨୦.୦୦ ମୂଲ୍ୟର କୋର୍ଟ ଫି ସହ ଲିଖିତ ଆକାରରେ ଆପତ୍ତି ଦରଖାସ୍ତ ଦାଖଲ କରିବେ । ଧାର୍ଯ୍ୟ ସମୟ ଗତେ କୌଣସି ଆପତ୍ତି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

### ତଫସିଲ

| ମୌଜା | ଖାତା ନଂ | ପ୍ଲଟନଂ | କିସମ | ରକବା |
|---|---|---|---|---|
| ଜୁନାଗଡ଼ | ୧୮୫<br>(ଅନାବାଦୀ) | ୧୧୯୯ | ଘାସପଡିଆ | ଏ. ୦.୩୨ ଡି. |

ସ୍ୱାକ୍ଷର 22.8.23

**ତହସିଲଦାର,ଜୁନାଗଡ**
Tahasildar
Junagarh

**ପରିପତ୍ର ସଂଖ୍ୟା** 3058 **ତାରିଖ** 22-08-2023

ଏହାର ଏକକିତା ନକଲ ଜୁନାଗଡ଼ ସହରର ପ୍ରକାଶ୍ୟ ସ୍ଥାନରେ ଡାକବାଜି ଯନ୍ତ୍ରଦ୍ୱାରା ଘୋଷଣା କରି ଗ୍ରାମର ପ୍ରକାଶ୍ୟସ୍ତଳରେ ଲଗାଇବା ନିମନ୍ତେ ପ୍ରେରଣ କରାଗଲା/ ଏକକିତା ନକଲ ବିଜ୍ଞାପିତ ଅଞ୍ଚଳ ପରିଷଦ, ଜୁନାଗଡ଼ / ଜୁନାଗଡ଼ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଜୁନାଗଡ଼ ପ୍ରେରଣ କରାଗଲା ଓ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶନ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ ( NIC), କଳାହାଣ୍ଡି ଙ୍କୁ ଜିଲ୍ଲା ୱେବସାଇଟରେ ପ୍ରକାଶନ କରିବା ପାଇଁ ପ୍ରେରଣ କରାଗଲା ।

ସ୍ୱାକ୍ଷର 22.8.23

**ତହସିଲଦାର,ଜୁନାଗଡ**
Tahasildar
Junagarh